## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ବାଣିଜ୍ୟ ବିଭାଗର ଆନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପନୀ। ସ୍ଥାନ- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସିନେଟ ହଲ। ସମୟ-ପୂର୍ବାହ୍ନ ୧୦ଟା

## ୱାରେଣ୍ଟ ବଳରେ ଯୁବକ ଗିରଫ

**ବ୍ରହ୍ମପୁର ଅଫିସ,୨୮।୯:** ବ୍ରହ୍ମପୁର ଟାଉନ ଥାନା ପୋଲିସ ଜଣେ ଯୁବକଙ୍କୁ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ବଳରେ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ମୋଚି ସାହିର ୱାଇ. କାର୍ତ୍ତିକ ଓରଫ ବହୁବଳୀ କାର୍ତ୍ତିକ((୩୦)। ଜିଆର କେସ୍ ନଂ.୧୭୮୨/୨୨ରେ ପୋଲିସ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ୱାଇ.କାର୍ତ୍ତିକ ୨୦୨୧ରେ ଜଣେ ମହିଳାଙ୍କୁ ଅସଦାଚରଣ କରିବା ସହ ତାଙ୍କୁ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଘଟଣା ପରେ ସେ ଦୀର୍ଘଦିନ ଧରି ଫେରାର ଥିଲେ। ଏଣୁ ତାଙ୍କ ବିରୋଧରେ କୋର୍ଟ ଏନ୍‌ବିଡବ୍ଲ୍ୟୁ ଜାରି କରିଥିଲେ। ଶେଷରେ ପୋଲିସ ଅଭିଯୁକ୍ତଙ୍କୁ ବୁଧବାର କାବୁ କରିଥିବା କହିଛି।

## ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ

**ବ୍ରହ୍ମପୁର ଅଫିସ୍,୨୮।୯:** ଗଞ୍ଜାମ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ଓ ଜିଲା ପ୍ରଶାସନ ସହଯୋଗରେ ମଙ୍ଗଳବାର ଭି.ଭି.ଗିରି ଉଚ୍ଚ ବିଦ୍ୟାଳୟରେ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟସ୍ତରରେ ଲିଜା ମହାନ୍ତି ପ୍ରଥମ, ଚନ୍ଦ୍ର ଶେଖର ବେହେରା ଦ୍ୱିତୀୟ ଓ ବର୍ଣ୍ଣି ବେହେରା ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ମହାବିଦ୍ୟାଳୟସ୍ତରରେ ସାଗର ପାତ୍ର ପ୍ରଥମ, ରୋନିତ୍ ପଟ୍ଟନାୟକ ଦ୍ୱିତୀୟ ଓ ଶିବ ଶମ୍ଭୁ ଗୌଡ଼ ତୃତୀୟ ସ୍ଥାନ ହାସଲ କରିଥିଲେ। ବ୍ରହ୍ମପୁର ପର୍ଯ୍ୟଟନ ବିଭାଗର ସହନିର୍ଦ୍ଦେଶକ ଡ. ରତିକାନ୍ତ ପଟ୍ଟନାୟକ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଆର୍ଥିକ ରାଶି ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପର୍ଯ୍ୟଟନ ସହନିର୍ଦ୍ଦେଶକ ସୁରେନ୍ଦ୍ର ଲିମା, ସନାତନ ନାୟକଙ୍କ ସମେତ ସୁରେନ୍ଦ୍ର କୁମାର ମହାପାତ୍ର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ତନୁଜା ଦାସ ପରିଚାଳନାରେ ସହଯୋଗ କରିଥିଲେ।

## ୩୨ ନମ୍ବର ୱାର୍ଡରେ ପୋଷଣ ସପ୍ତାହ ପାଳିତ

**ବ୍ରହ୍ମପୁର ଅଫିସ,୨୮।୯:** ୩୨ ନମ୍ବର ୱାର୍ଡ ଅନ୍ତର୍ଗତ କୋଅପରେଟିଭ କଲୋନୀଠାରେ ପୋଷଣ ସପ୍ତାହ ପାଳିତ ହୋଇଯାଇଛି। ୱାର୍ଡ କର୍ପୋରେଟର ସୁରେନ୍ଦ୍ର ମହାରଣା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଡେପୁଟି ମେୟର ଇ.ବିବେକ ରେଡ୍ଡୀ ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ସମାଜ ମଙ୍ଗଳ ଅଧିକାରୀ ଶୁଭଶ୍ରୀ ପାତ୍ର, ଅର୍ବାନ-୧ ସିଡିପିଓ କ୍ରିଷ୍ଣାବେଣୀ ନନ୍ଦ ଉପସ୍ଥିତ ଥିଲେ। ପୋଷଣ ସପ୍ତାହ ଅବସରରେ ରାମହରି ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୦୦ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ରାଲି ମାଧମରେ ଛାତ୍ରୀଛାତ୍ରମାନେ ପୋଷଣ ସମ୍ବନ୍ଧୀୟ ସଚେତନ ବାର୍ତ୍ତା ବାଣ୍ଟିଥିଲେ। ପ୍ରାକ ବିଦ୍ୟାଳୟ ଶିଶୁମାନଙ୍କ ଦ୍ୱାରା କୌତୁକ ପୋଷାକ ପ୍ରତିଯୋଗିତା ହୋଇଥିଲା। ଛାତ୍ରୀଛାତ୍ରଙ୍କୁ ନେଇ ପୋଷଣ ସମ୍ବନ୍ଧୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ମେୟର ସରକାରଙ୍କ ପକ୍ଷରୁ ପୋଷଣ ସପ୍ତାହ ପାଳନର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଗର୍ଭବତୀ ମା', ନବଜାତ ଶିଶୁ ଓ ମା'ମାନେ ଏଥିରେ ଉପସ୍ଥିତ ଥିଲେ। ଏଥିରେ ସାମାଜିକକର୍ମୀ ଭୀମସେନ ଦଳେଇଙ୍କ ସମେତ ୱାର୍ଡର ସମସ୍ତ ଅଙ୍ଗନୱାଡି କର୍ମୀ, ହେଲପର ଓ ସୁପର ଭାଇଜରମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## କନ୍ୟା ସନ୍ତାନ ସୁରକ୍ଷା ସଚେତନତା

ଶେରଗଡ,୨୮।୯(ଡି.ଏନ.ଏ.)-ଶେରଗଡ଼ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ପକ୍ଷରୁ କରଡ଼ାକଣା ପଞ୍ଚାୟତ ଗୃହରେ ବ୍ଲକ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କନ୍ୟା ସନ୍ତାନର ସୁରକ୍ଷା, ଶିକ୍ଷା ଓ ଅଧିକାର ସମ୍ପର୍କରେ ଅତିଥିମାନେ ବୁଝାଇଥିଲେ। ୟୁନେସଫର ନେହା ନାଇଡୁ, ମହିଳା ଶିଶୁ ବିକାଶ ବିଭାଗର ଅନୁପମା ସାହୁ, ଆଶ୍ୱନ ଏଇଡର ବି.ଏନ ଦୁର୍ଗା, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଅତିରିକ୍ତ ସମାଜ ମଙ୍ଗଳ ଅଧିକାରୀ ଓ ସିଡିପିଓ ଗୀତାଞ୍ଜଳି ରାଉଳ, ନେତା କୃଷ୍ଣଚନ୍ଦ୍ର ପଣ୍ଡା ଯୋଗଦେଇ ବାଲ୍ୟ ବିବାହ ରୋକିବା, ଶିଶୁ ଶ୍ରମିକ ପ୍ରଥା ବନ୍ଦ କରିବା, ଶିଶୁ ଚାଲାଣ ଓ ନିର୍ଯାତନା ଦିଗରେ ଉଚିତ ପଦକ୍ଷେପ ନେବାକୁ କହିଥିଲେ।

# ଆର୍‌ଡିସି ଅଫିସ ଆଗରେ ଯୁବ-ଛାତ୍ର ସଂଘର ଆନ୍ଦୋଳନ



ଯୁବ ଛାତ୍ରସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

**ବ୍ରହ୍ମପୁର ଅଫିସ,୨୮।୯**

ସିପିଆଇର ଅଖିଳ ଭାରତ ଯୁବ ଓ ଛାତ୍ର ସଂଘ ପକ୍ଷରୁ ୨୧ ଦଫା ଦାବି ନେଇ ବୁଧବାର ବ୍ରହ୍ମପୁରସ୍ଥିତ ଦକ୍ଷିଣାଞ୍ଚଳ ଆର୍‌ଡିସିଙ୍କ ଅଫିସ ଆଗରେ ଆନ୍ଦୋଳନ କରାଯାଇଥିଲା। ଯୁବ ସଂଘ ରାଜ୍ୟ ସଭାପତି ପ୍ରଦୀପ ସେଠୀଙ୍କ ନେତୃତ୍ୱ ହୋଇଥିବା ଏହି ଆନ୍ଦୋଳନରେ ଗଞ୍ଜାମ ଜିଲାର ଅନେକ ଛାତ୍ର ଓ ଯୁବ ସଂଘ କର୍ମୀ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଦାବି ସମ୍ବଳିତ ସ୍ମାରକପତ୍ର ରାଜସ୍ୱ କମିଶନରଙ୍କୁ ପ୍ରଦାନ କରାଯାଇଥିଲା। ଶିକ୍ଷା ପରେ ନିଯୁକ୍ତିକୁ ଗ୍ୟାରେଣ୍ଟି ପାଇଁ କେନ୍ଦ୍ର ସରକାର ଭଗତ ସିଂ ଜାତୀୟ ନିଶ୍ଚିତ ନିଯୁକ୍ତି ଆଇନ ପ୍ରଣୟନ କରିବାକୁ ଦାବି କରାଯାଇଛି।

ଅନ୍ୟ ଦାବିଗୁଡ଼ିକ ମଧ୍ୟରେ ଠିକା ନିଯୁକ୍ତି ପ୍ରଥା ବନ୍ଦ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦବୀଗୁଡ଼ିକ ତୁରନ୍ତ ପୂରଣ, ଅଗ୍ନିପଥ ଯୋଜନା ପ୍ରତ୍ୟାହାର, ରାଜ୍ୟରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ପର୍ଯ୍ୟଟନ କ୍ଷେତ୍ରର ବିକାଶ, ବିଭିନ୍ନ ଶିଳ୍ପାନୁଷ୍ଠାନରେ ସ୍ଥାନୀୟ ଯୁବତୀ ଓ ଯୁବକଙ୍କୁ ନିଯୁକ୍ତି ଦେବା, ଘରୋଇ ସଂସ୍ଥାରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ଓ ଗଞ୍ଜାମ ଜିଲାରେ ଶିଳ୍ପର ବିକାଶ ଆଦି କରିଛି। ସେହିପରି ଛାତ୍ର ସଂଘର ଦାବିଗୁଡ଼ିକ ମଧ୍ୟରେ ସମସ୍ତଙ୍କୁ ଗୁଣାତ୍ମକ ଓ ବିଜ୍ଞାନ ସମ୍ମତ ଶିକ୍ଷାଦାନ ବ୍ୟବସ୍ଥା, ଦେଶରେ ଏକ ପ୍ରକାର ଶିକ୍ଷା ପ୍ରଚଳନ, ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ପ୍ରତ୍ୟାହାର, ଜାତୀୟ ଶିକ୍ଷା ନୀତି ୨୦୨୦କୁ ଅବିଳମ୍ବେ ବାତିଲ କରିବାକୁ ଦାବି ହୋଇଛି।

ଅପରପକ୍ଷରେ ପ୍ରାଥମିକ ଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଖାଲି ପଡ଼ିଥିବା ଶିକ୍ଷକ ଓ ଅଣଶିକ୍ଷକ ପଦବୀଗୁଡ଼ିକ ସରକାର ପୂରଣ କରିବା, କମ ବିଦ୍ୟାର୍ଥୀ ଦର୍ଶାଇ ବନ୍ଦ କରାଯାଇଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲାଯିବା, ଉଦ୍ଦେଶ୍ୟମୂଳକ ଭାବେ ବନ୍ଦ କରାଯାଇଥିବା ଛାତ୍ର ସଂସଦ ନିର୍ବାଚନକୁ ପୁଣି କରିବାକୁ ଏଆଇଏସଏଫ ଦାବି କରିଛି। ଦାବି ସମୂହ ପୂରଣ ନ ହେଲେ ପୁଣି ଆନ୍ଦୋଳନ ହେବ ବୋଲି ଯୁବ ଓ ଛାତ୍ର ସଂଘ ଚେତାବନୀ ଦେଇଛି।

# ଚା'ଦୋକାନରେ ସଟ୍ଟା ଖେଳ

### କିଙ୍ଗପିନ ସମେତ ୫ ଗିରଫ, ୪୪ହଜାର ଟଙ୍କା ଜବତ

**ବ୍ରହ୍ମପୁର ଅଫିସ,୨୮।୯**

ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ହନୁମାନ ନଗରରେ ଥିବା ଏକ ଚା'ଦୋକାନରେ ବୁଧବାର ସଟ୍ଟା (ଜୁଆ) ଖେଳ ଚାଲିଥିଲା। ପୋଲିସ ସେଠାରେ ଚଢ଼ାଉ କରି କିଙ୍ଗ୍‌ପିନ ସମେତ ୫ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଜଣେ ମହିଳା ଅଛନ୍ତି। ଏହି ସଟ୍ଟା ଖେଳର କିଙ୍ଗ୍‌ପିନ କୁହାଯାଉଥିବା ଟାଉନ ଥାନା ଅନ୍ତର୍ଗତ ମୋଚି ସାହିର କେ.ବିପ୍ର(୪୬), ତାଙ୍କ ମୁଖ୍ୟ ସହଯୋଗୀ ବଡବଜାର ଥାନା ଅନ୍ତର୍ଗତ ହନୁମାନନଗରର ସନ୍ତୋଷିନୀ ମହାରଣା (୩୩), ଖଲାସୀସାହିର ଜି.ବାଲାଜୀ(୩୮),ବାଲାଜୀପେଣ୍ଠସାହିର କୋଟେଶ୍ୱର ପାତ୍ର(୭୩) ଓ ଦଣ୍ଡପାଣି ଦାସ(୨୮)ଙ୍କୁ ପୋଲିସ ମାମଲା ନମ୍ବର ୨୫୧/୨୨ରେ ଗିରଫ କରିଛି। ପୋଲିସ ବିପ୍ର ଓ ସନ୍ତୋସିନୀଙ୍କ ନିକଟରୁ ୪୪ହଜାର ୬୦୦ ଟଙ୍କା, ୫୯ ସଟ୍ଟା ନମ୍ବର ଲେଖାଯାଇଥିବା ଖାତା, ୪ ମୋବାଇଲ ଓ ଗୋଟିଏ ବାଇକ୍ ଜବତ କରିଛି। ବିପ୍ର ଓ ତାଙ୍କ ସହଯୋଗୀମାନେ ଲୋକମାନଙ୍କୁ ଭୁଆଁ ବୁଲାଇ ଏହି ଖେଳ ମାଧ୍ୟମରେ ଠକେଇ କରୁଥିଲେ ବୋଲି ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ବୁଧବାର ଉପରୋକ୍ତ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ମୁଖ୍ୟାଳୟରୁ ଜାରି ହୋଇଥିବା ଏକ ପ୍ରେସନୋଟରେ ଜଣାପଡିଛି।


ଗିରଫ ଅଭିଯୁକ୍ତ ।

ପ୍ରକାଶ ଯେ, ହନୁମାନ ନଗରରେ ଥିବା ଏକ ଚା'ଦୋକାନରେ ଜଣେ ମହିଳା ସଟ୍ଟା ଖେଳ ଚଳାଇଥିବା ନେଇ ମଙ୍ଗଳବାର ପୋଲିସ ଖବର ପାଇଥିଲା। ସେଠାରେ ଚଢ଼ାଉ କରି ଜଣେ ମହିଳାଙ୍କ ସମେତ ୫ଜଣଙ୍କୁ କାବୁ କରିଥିଲା। ସେଠାରେ ଏହି ଖେଳ ପାଇଁ ବ୍ୟବହାର କରାଯାଉଥିବା ଖାତା, ଅନ୍ୟାନ୍ୟ କାଗଜପତ୍ର ଓ ଟଙ୍କା ପୋଲିସ ଜବତ କରିଥିଲା। ସେମାନଙ୍କୁ ଜେରା ବେଳେ କେ.ବିପ୍ର କିଙ୍ଗ୍‌ପିନ ବୋଲି ଜଣାପଡିଥିଲା। ବିପ୍ର ତାଙ୍କର ସହଯୋଗୀମାନଙ୍କ ଜରିଆରେ ଲୋକଙ୍କୁ ଭୁଆଁ ବୁଲାଉଥିବା ଜଣାପଡିଥିଲା। ଏହି ଜୁଆ ଖେଳକୁ 'ସଟ୍ଟକା ମଟ୍ଟକା' କୁହାଯାଉଛି। ଏହି ଖେଳ ଅନ୍‌ଲାଇନ୍‌ରେ ଖେଳାଯାଉଥିଲା। ଏହି ଖେଳ ପ୍ରତି ଆକୃଷ୍ଟ ହୋଇ ଆସୁଥିବା ଲୋକମାନଙ୍କୁ କୁହାଯାଉଥିଲା ଯେ, କଲ୍ୟାଣୀ, ମାଧୁରୀ, ଶ୍ରୀଦେବୀ ଓ ଟାଇମ୍ ବଜାରଗୁଡ଼ିକ ଲକି ନମ୍ବର ଅଟେ। ଏଣୁ ଏହି ନମ୍ବରଗୁଡ଼ିକରେ ଟଙ୍କା ଜମାକଲେ ମୂଳ ଜମା ଟଙ୍କାର ଶତକଡା ୯୦ ପ୍ରତିଶତ ଅଧିକ ମିଳିବ ବୋଲି ଗ୍ରାହକଙ୍କୁ କୁହାଯାଇ ସେମାନଙ୍କୁ ଠକେଇ କରାଯାଉଥିଲା। ଘଟଣାର ତଦନ୍ତ ଜାରି ରହିଛି ବୋଲି ପୋଲିସ ସୂଚନା ଦେଇଛି।

## ଉତ୍କଳ ସମ୍ମିଳନୀର ଶ୍ରଦ୍ଧାଞ୍ଜଳି ସଭା

**ବ୍ରହ୍ମପୁର ଅଫିସ,୨୮।୯**

ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳ ଆଶ୍ରମ ସଭା ଗୃହଠାରେ ଅନଙ୍ଗ ଭୀମ ଦେବଙ୍କ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମିଳନୀର ସଭାପତି ଡ.ସୁବ୍ରତ କୁମାର ସାହୁ ଅଧକ୍ଷତା କରିଥିଲେ। ସମ୍ମିଳନୀର ଉପସଭାପତି ଡ.ବନମାଳୀ ପାଣିଗ୍ରାହୀ ଓ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲବ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନ ଦିଗରେ ଖେମୁଣ୍ଡି ମହାରାଜା କୃପାମୟ ଅନଙ୍ଗ ଭୀମ ଦେବଙ୍କ ଅବଦାନ ପ୍ରଣିଧାନଯୋଗ୍ୟ। ଅନଙ୍ଗ ଦେବ ଉତ୍କଳ ସମ୍ମିଳନୀର ପ୍ରମୁଖ ସଂସ୍ଥାପକ ଓ ପୃଷ୍ଠପୋଷକ ଥିଲେ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ବିଶିଷ୍ଟ ଗବେଷକ ଡ.ବାୟାମନୁ ର୍ଚ୍ଚି, ପ୍ରଧାନ ଶିକ୍ଷକ ଭିକାରୀ ଚରଣ ମହାପାତ୍ର ଓ ମହମଦ ଆସଲାମ ସୀମା ସୁରକ୍ଷା ସମସ୍ୟା ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଏବଂ ରାଜନୈତିକ ନେତୃବୃନ୍ଦଙ୍କ ଆନ୍ତରିକତା ଅଭାବରୁ ସମସ୍ୟା ଉପୁଜୁଛି ବୋଲି କହିଥିଲେ। ଇଂ.ପ୍ରକାଶ ଚନ୍ଦ୍ର ସାହୁ, ରାଜକିଶୋର ସ୍ୱାଇଁ, ଡା.ସମରେନ୍ଦ୍ର କୁମାର ସାହୁ, କୁମାର କାର୍ତ୍ତିକେଶ୍ୱର ପ୍ରଧାନ, ସୂର୍ଯ୍ୟକାନ୍ତ ପାତ୍ର, ଦେବ ବ୍ରତ ଦେବ, କବୟିତ୍ରୀ ସୁଧାଞ୍ଜଳୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ ପାଳିତ

**ବ୍ରହ୍ମପୁର ଅଫିସ,୨୮।୯**

ବ୍ରହ୍ମପୁର ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ପରିସରରେ ଥିବା ପ୍ରଜ୍ଞାନ ସମ୍ମିଳନୀ କକ୍ଷରେ ବୁଧବାର ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲାର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ସେହିପରି ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ସନ୍ତୋଷ କୁମାର ମିଶ୍ର ଅଧକ୍ଷତା କରିଥିଲେ। ଜଣେ ଦକ୍ଷ ସ୍ତ୍ରୀ ଓ ପ୍ରସୂତି ଡାକ୍ତରଙ୍କ ମାଧ୍ୟମରେ ନିରାପଦ ଗର୍ଭପାତ ଦ୍ୱାରା ମା' ଓ ଶିଶୁର ଜୀବନ ରକ୍ଷା କରାଯାଇ ପାରିବ। ଏଣୁ ତୃଣମୂଳସ୍ତରରେ କାମ କରୁଥିବା ଅଙ୍ଗନୱାଡି ଓ ଆଶା କର୍ମୀମାନେ ମହିଳାମାନଙ୍କୁ ଏ ଦିଗରେ ଅଧିକରୁ ଅଧିକ ସଚେତନ କରିବା ଆବଶ୍ୟକ ବୋଲି ସେ କହିଥିଲେ। ସେହିପରି ସିଟି ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା. ଗୀତାଞ୍ଜଳି ଦାସ କହିଥିଲେ, ୨୦୧୨ ଜନଗଣନା ଅନୁସାରେ ମାତୃ ମୃତ୍ୟୁ ହାରର ଶତକଡା ୮ ପ୍ରତିଶତ ବେଆଇନ ଭାବେ ହେଉଥିବା ଗର୍ଭପାତ ଯୋଗୁ ହୋଇଥାଏ। ଏଣୁ ମାତୃ ମୃତ୍ୟୁ ହାର ରୋକିବା ପାଇଁ ହେଲେ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହସ୍ପିଟାଲ ଓ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ସୁରକ୍ଷିତ ଗର୍ଭପାତ କରାଇବା ଉଚିତ। ଆଶା ଓ ଅଙ୍ଗନୱାଡି କର୍ମୀମାନେ ଏ ଦିଗରେ ଅଧିକ ସଚେତନ ହେଲେ ମାତୃ ମୃତ୍ୟୁ ହାର ରୋକାଯାଇପାରିବ ବୋଲି ମଧ ସେ ମତବ୍ୟକ୍ତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଆର. ଜଗଦୀଶ ପଟ୍ଟନାୟକ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡା. ହରମୋହନ ପଣ୍ଡା, ଜିଲା ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ପରିଚାଳକ ଶକ୍ତି କୁମାର ଦିଘାଲ ଓ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପରିଚାଳନାରେ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ୱାସ୍ଥ୍ୟ ଅଧିକାରୀ ।

## ଏସ୍‌ପିଙ୍କୁ ଭେଟିଲା ଜୀବ ସୁରକ୍ଷା ସଂଘ

- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛାତ୍ରୀନିବାସରୁ କୁକୁର ଉଦ୍ଧାର
- ତଦନ୍ତ ପାଇଁ କମିଟି ଗଠନ

**ବ୍ରହ୍ମପୁର ଅଫିସ,୨୮।୯**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛାତ୍ରୀ ନିବାସ ପରିସରରୁ ଗୋଡ଼ ଓ ମୁହଁବନ୍ଧା ଅବସ୍ଥାରେ ଥିବା ୧୨କୁକୁରଙ୍କୁ ମଙ୍ଗଳବାର ଉଦ୍ଧାର କରାଯାଇଥିଲା। ବୁଧବାର ଜୀବ ସୁରକ୍ଷା ସଂଘ ସଦସ୍ୟମାନେ ବ୍ରହ୍ମପୁର ଏସ୍‌ପିଙ୍କ ସହ ସାକ୍ଷାତ କରି କୁକୁରଙ୍କ ଉପରେ ହୋଇଥିବା ଅତ୍ୟାଚାରର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଥିଲେ। ଘଟଣାକୁ ବିଶ୍ୱବିଦ୍ୟାଳୟ କୁଳପତି ମଧ ଗୁରୁତର ସହ ନେଇଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଥିବା ଜଣାପଡ଼ିଛି। ଏହି କମିଟିରେ ବାଳିକା ହଷ୍ଟେଲ ଡେପୁଟି ୱାର୍ଡେନ୍, ଦୁଇ ଜଣ ଆସୋସିଏଟ୍ ପ୍ରଫେସର ରହିଛନ୍ତି। ଗୁରୁବାର ଉକ୍ତ କମିଟି ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କଲା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁଳପତି କହିଛନ୍ତି।


ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ଜୀବ ସୁରକ୍ଷା ସଂଘ କର୍ମକର୍ତ୍ତା।

### କେସି ଟାଉନ ହାଇସ୍କୁଲ

# ଜଣେ ମାତ୍ର ଶିକ୍ଷୟିତ୍ରୀରେ ପାଠପଢ଼ା

**ବ୍ରହ୍ମପୁର ଅଫିସ,୨୮।୯**

ବ୍ରହ୍ମପୁର ସହରର ୬୧ ବର୍ଷର ପୁରାତନ ଶିକ୍ଷାନୁଷ୍ଠାନ କେସି ଟାଉନ ହାଇସ୍କୁଲ। ସହରର କେନ୍ଦ୍ରସ୍ଥଳରେ ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟ କାନ୍ଥକୁ ଲାଗି ଏହି ସ୍କୁଲଟି ରହିଛି। ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଦ୍ୱାରା ନିର୍ମିତ ଏହି ସ୍କୁଲରେ ଏଠାରେ ପ୍ରାରମ୍ଭରୁ ତେଲୁଗୁ ଓ ଓଡ଼ିଆ ଭାଷାରେ ଶିକ୍ଷା ପ୍ରଚଳିତ ହେଉଥିଲା। ୧୯୯୪ ପରଠାରୁ ତେଲୁଗୁ ପାଠପଢ଼ା ବନ୍ଦ ହୋଇଛି। ବର୍ତ୍ତମାନ ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଜଣେ ମାତ୍ର ଶିକ୍ଷୟିତ୍ରୀଙ୍କ ଭରସାରେ ହାଇସ୍କୁଲ ଚାଲିଛି। ଏଠାରେ ଜଣେ ମଧ କେହି ଶିକ୍ଷକ କିମ୍ବା ଅଣ ଶିକ୍ଷକ କର୍ମଚାରୀ ନ ଥିବା ବିଦ୍ୟାଳୟର ସ୍ଥିତି ଅନୁଧ୍ୟାନ ବେଳେ ଜଣାପଡ଼ିଛି। ଦୀର୍ଘ ବର୍ଷ ହେଲା ପୁରୁଣା ସ୍କୁଲର ପୁନରୁଦ୍ଧାର କିମ୍ବା ସଫେଇ କାମ ହେଉ ନ ଥିବାରୁ ହାଇସ୍କୁଲର ପରିବେଶ ମଧ ବିପନ୍ନ ହୋଇପଡ଼ିଛି। ଖାଲି ପଡ଼ିଥିବା ଶିକ୍ଷକ ପଦବୀଗୁଡ଼ିକ ପୂରଣ ନିମନ୍ତେ ବାରମ୍ବାର ଦାବି ହୋଇ ଆସୁଥିଲେ ସୁଦ୍ଧା ଶିକ୍ଷା ବିଭାଗ ଏଥିପ୍ରତି ବର୍ତ୍ତମାନ ପର୍ଯ୍ୟନ୍ତ ଧ୍ୟାନ ଦେଇନାହାନ୍ତି। ବିଦ୍ୟାଳୟରେ ଫାଇଲିନରେ ଦୁଇଟି ଶ୍ରେଣୀ ଗୃହ ଭାଙ୍ଗିଯାଇଥିବା ବେଳେ ବର୍ତ୍ତମାନ ମଧ ଏନସିସି ପ୍ରକୋଷ୍ଠ, ପାଠାଗାର ଓ ସାଇନ୍ସ ଲାବ୍‌କୁ ମିଶାଇ ୨୧ଟି ପ୍ରକୋଷ୍ଠ ରହିଛି। ପାଠାଗାରରେ ମଧ ୧୦ହଜାରରୁ ଉର୍ଦ୍ଧ୍ୱ ବିଭିନ୍ନ ବହି ରହିଛି କିନ୍ତୁ କେହି କର୍ମଚାରୀ ନ ଥିବାରୁ ଛାତ୍ର ଏଥିରୁ ବଞ୍ଚିତ ହେଉଛନ୍ତି। ବିଦ୍ୟାଳୟରେ ଥିବା ଶୌଚାଳୟ ଭାଙ୍ଗି ରୁଜି ଯାଇଥିବାରୁ ଛାତ୍ରମାନେ ବିଦ୍ୟାଳୟ ପରିସରରେ ଥିବା ଲଟାବୁଦାକୁ ଯିବାକୁ ବାଧ ହେଉଛନ୍ତି। ସମସ୍ତ ଅଭିଯୋଗ ଓ ବିଦ୍ୟାଳୟର ସ୍ଥିତିକୁ ନେଇ ପ୍ରଧାନ ଶିକ୍ଷୟିତ୍ରୀ ସୁଜତା ପଣ୍ଡାଙ୍କୁ ପଚାରିବାରୁ ବହୁ ବାର ସ୍କୁଲର ସ୍ଥିତି ଅସୁବିଧା ସମ୍ପର୍କରେ ଶିକ୍ଷା ବିଭାଗକୁ ଅବଗତ କରାଯାଇଛି। ଗତ ୮ ଦିନ ପୂର୍ବେ ଶିକ୍ଷକ ପଦବୀ ପୂରଣ ନିମନ୍ତେ ପୁନର୍ବାର ଡିଇଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେହିପରି ସ୍କୁଲ ପରିସର ସଫେଇ ନିମନ୍ତେ ୧୫ ଦିନ ପୂର୍ବରୁ ବିଏମ୍‌ସି ମେୟରଙ୍କୁ ଅନୁରୋଧ କରାଯାଇଥିଲା। ବିଦ୍ୟାଳୟର ଏଭଳି ସ୍ଥିତି ସମ୍ପର୍କରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜିଲାପାଳଙ୍କୁ ମଧ ଅବଗତ କରାଯାଇଛି। କିନ୍ତୁ ଏଯାବତ କୌଣସିର ପ୍ରତିକାର ହୋଇପାରି ନାହିଁ। ଅନ୍ୟପକ୍ଷରେ ଡିଇଓ ବିନୀତା ସେନାପତିଙ୍କୁ ପଚାରିବାରୁ ଏହା ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ ହୋଇଥିବାରୁ ଏଠାରେ ଶିକ୍ଷକ ନେଇ କୌଣସି ସୁବିଧା ନାହିଁ। ସେପ୍ଟେମ୍ବର ୧୫ ସୁଦ୍ଧା ଶିକ୍ଷକ ପଦବୀ ପୂରଣ ଚେଷ୍ଟା ଜାରି ରହିଛି। ଅନ୍ୟପଟେ ବିଦ୍ୟାଳୟର ସଫେଇ ନିମନ୍ତେ ବିଏମ୍‌ସି ସହାୟତା କରିପାରିବେ ବୋଲି ଡିଇଓ କହିଛନ୍ତି।


ବିଦ୍ୟାଳୟ ପରିସରରେ ଲଟାବୁଦା ଓ ଅର୍ଦ୍ଧନିର୍ମିତ ଶୌଚାଳୟ।

## ପ୍ରାଧ୍ୟାପକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଆସିକା,୨୮।୯(ଡି.ଏନ୍.ଏ.)**

ଆସିକା ମହାବିଦ୍ୟାଳୟରେ ବୁଧବାର ଅବସର ଗ୍ରହଣ କରିଥିବା ବାଣିଜ୍ୟ ବିଭାଗର ପ୍ରାଧ୍ୟାପକ ପ୍ରଫେସର ରମେଶ ଚନ୍ଦ୍ର ଜାନିଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। କର୍ମଚାରୀ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଡ. ଜିବାନନ୍ଦ ତ୍ରିପାଠୀଙ୍କ ଅଧକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କର୍ମଚାରୀ ସଂଘର ସଂପାଦିକା ସ୍ମିତାରାଣୀ ପଣ୍ଡା, ଡ. ବିଜୟ କୁମାର ସିଂ, ଅଧ୍ୟାପିକା ବନଶ୍ରୀ ମହାନ୍ତି, ପ୍ରଫେସର କେଦାରନାଥ ପଣ୍ଡା, ଧନଞ୍ଜୟ ମହାପାତ୍ର, ସନ୍ତୋଷ କୁମାର ପ୍ରଧାନ ପ୍ରମୁଖ ବିଦାୟୀ ଅଧ୍ୟାପକଙ୍କ ପ୍ରଶଂସା କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟରେ ଶିକ୍ଷାଦାନ ଲାଗି ଯୋଗଦେଇଥିବା ୯ଜଣ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ଟ୍ରକ୍ ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

**ବ୍ରହ୍ମପୁର ଅଫିସ,୨୮।୯**

ବ୍ଲାକ ସ୍ପଟ୍ ଭାବେ ପରିଚିତ ଜାତୀୟ ରାଜପଥ ଖଜୁରିଆ ବାଇପାସ୍‌ରେ ବୁଧବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ପଛରେ ବସିଥିବା ଜଣେ ଯୁବକ ଗୁରୁତର ହୋଇଛନ୍ତି। ମୃତକ ହେଲେ ବିଜୟ ଗୌଡ଼(୩୫)। ଘର ଦିଗପହଣ୍ଡି ଥାନା ଅନ୍ତର୍ଗତ ମେଘଝୋଳି। କିନ୍ତୁ ସେ ଗୋପାଳପୁର ଥାନା ଅନ୍ତର୍ଗତ କରାପଲିରେ ରହୁଥିଲେ। ସେହିପରି ଗୁରୁତର ଯୁବକ ଜଣଙ୍କ ବିଦେଶୀ ପାତ୍ର(୩୪)। ସେ ବର୍ତ୍ତମାନ ଏମ୍‌କେସିଜିରେ ଚିକିତ୍ସାଧୀନ ରହିଛନ୍ତି। ଏନେଇ ଅଭିଯୋଗ ପରେ ଟ୍ରାଫିକ ପୋଲିସ ନଂ.୫୦/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଘଟଣା ପରେ ଟ୍ରକ ଚାଳକ ଫେରାର ହୋଇଯାଇଛନ୍ତି ବୋଲି ପୋଲିସ କହିଛି। ପ୍ରକାଶ ଯେ, ବିଜୟ ଗୌଡ଼ ମଙ୍ଗଳବାର ତାଙ୍କ ସାଙ୍ଗ ବିଦେଶୀ ପାତ୍ର ସହ କୌଣସି କାମରେ ହଳଦିଆପଦର ଯାଇଥିଲେ। ରାତି ପ୍ରାୟ ୧୨ଟାରେ ସେମାନେ ବାଇକ୍‌ରେ କରାପଲି ଫେରୁଥିଲେ। ଖଜୁରିଆ ବାଇପାସ୍ ନିକଟରେ ପଛରୁ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟେ ଗାଡ଼ିରୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରିଥିଲେ। ସେଠାରେ ବିଜୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବୁଧବାର ଟ୍ରାଫିକ ପୋଲିସ ଏମ୍‌କେସିଜିରୁ ବିଜୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଟ୍ରକ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ପୋଲିସ ସନ୍ଦେହ କରୁଛି। ଅନ୍ୟପଟେ ଘଟଣା ପରେ ଟ୍ରକ ସହ ଫେରାର ଥିବା ଚାଳକଙ୍କୁ ଧରିବା ପାଇଁ ଜାତୀୟ ରାଜପଥ କଡ଼ରେ ଲାଗିଥିବା ସିସିଟିଭି ଫୁଟେଜ ପୋଲିସ ସଂଗ୍ରହ କରିଛି।

ସମସ୍ତ ଜଟିଳ ଓ ପୁରାତନ ରୋଗର ଆୟୁର୍ବେଦିକ ଉପଚାର ପାଇଁ ଯୋଗାଯୋଗ କରନ୍ତୁ
ଡା.ଶ୍ରୀ ଅକ୍ଷୟ କୁମାର ମିଶ୍ର
B.A.M.S. (B.U.)
Registration No.2515

ନ୍ୟାସନାଲ୍ ଆୟୁର୍ବେଦିକ ଫାର୍ମାସୀ
କବିସୂର୍ଯ୍ୟନଗର, ଗଞ୍ଜାମ, ଓଡ଼ିଶା, ପିନ୍-761104, ମୋବାଇଲ-9861271396
ମୋବାଇଲରେ ଯୋଗାଯୋଗ ସମୟ ସନ୍ଧ୍ୟା 7 pm ରୁ 9 pm
ପରାମର୍ଶ ସମୟ ସକାଳ 9 ଟାରୁ 12ଟା, ଅପରାହ୍ନ 2ଟାରୁ 6ଟା

